# ତହସିଲଦାରଙ୍କ କାର୍ଯ୍ୟାଳୟ, ବାଲିଅନ୍ତା

E-mail: tah.balia-od@nic.in

## ଇସ୍ତାହାର

ବିଜ୍ଞାପନ ସଂଖ୍ୟା- 3510 ତାରିଖ- 04.11.2020

### ଲଘୁଖଣିଜ ଉତ୍ସଗୁଡିକର ଦୀର୍ଘ ମିଆଦି ଲିଜ୍ ନିମନ୍ତେ ବିଜ୍ଞାପନ

ଏତଦ୍ବାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ତ ବାଲିଅନ୍ତା ତହସିଲ ଅନ୍ତର୍ଗତ ନିମ୍ନ ବର୍ଣ୍ଣିତ ନଦୀ ବାଲି ଉତ୍ସଗୁଡିକର ଆସନ୍ତା ୫ ବର୍ଷ ନିମନ୍ତେ ସନ ୨୦୨୦-୨୦୨୧ **ଆର୍ଥିକ ବର୍ଷ** ଠାରୁ ସନ-୨୦୨୪-୨୦୨୫ ବର୍ଷ ପର୍ଯ୍ୟନ୍ତ ଦୀର୍ଘ ମିଆଦି ଲିଜ୍ ସକାଶେ ଦରଖାସ୍ତ ଆହ୍ୱାନ କରାଯାଉଛି । ଇଚ୍ଛୁକ ବ୍ୟକ୍ତି ବିଶେଷ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ ୨୦୧୬ ଆଇନନୁଯାୟୀ) ଫର୍ମ ନଂ “M” ପୂରଣ କରି ତିନି କପି ସହ ଆବଶ୍ୟକୀୟ ଦସ୍ତାବିଜ୍ ସଂଲଗ୍ନ କରି ଜଉମୁଦ ଲଫାପାରେ କେବଳ ରେଜିଷ୍ଟ୍ରି/ସ୍ପିଡ୍ ପୋଷ୍ଟ ଜରିଆରେ ତହସିଲଦାର, ବାଲିଅନ୍ତାଙ୍କ ଠିକଣାରେ ତା-୦୯. ୧୧.୨୦୨୦ ଠାରୁ ତା- ୨୬. ୧୧.୨୦୨୦ ରିଖ ଅପରାହ୍ନ ୫: ୩୦ **ଘଟିକା** ସୁଦ୍ଧା ପହଞ୍ଚିବା ଆବଶ୍ୟକ । ଏବଂ ତା-୨୭. ୧୧.୨୦୨୦ ରିଖ ଦିବା ୧୧: ୦୦ ଘଟିକା ସମୟରେ ଦରଖାସ୍ତକାରୀ କିମ୍ବା ତାଙ୍କ କ୍ଷମତା ପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତରେ ଦରଖାସ୍ତ ଗୁଡିକ ତନଖି କରାଯିବ । ଅଡିନାରୀ ପୋଷ୍ଟ, କୋରିଅର ସର୍ଭିସ୍ କିମ୍ବା ଟେଣ୍ଡର ବାକ୍ସ ମାଧ୍ୟମରେ ଦରଖାସ୍ତ ଗ୍ରହଣ କରାଯିବ ନାହିଁ । ଧାର୍ଯ୍ୟ ସମୟ ଓ ତାରିଖ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣୀୟ ହେବ ନାହିଁ । ତନଖି ସମୟରେ ଅସଂପୂର୍ଣ୍ଣ ଦରଖାସ୍ତ ଗୁଡିକ ଖାରଜ କରାଯିବ । ଧାର୍ଯ୍ୟ ତାରିଖ ଓ ସମୟରେ ଯିଏ ଅନୁପସ୍ଥିତ ରହିବେ ସେଥିପାଇଁ ନିଲାମ କାର୍ଯ୍ୟ ଅଟକିବ ନାହିଁ । ସୌରାତ ଉତ୍ସଗୁଡିକର ଲିଜ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଖୋର୍ଦ୍ଧା ଜିଲ୍ଲା ୱେବ ସାଇଟ୍ www.khordha.nic.in ରେ ଉପଲବ୍ଧ ଅଟେ । ଏତଦ୍ ବ୍ୟତିତ ଏ ସମ୍ବନ୍ଧୀୟ ସମସ୍ତ ତଥ୍ୟ ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡ ଓ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଯଦି ଉକ୍ତ ଦିବସରେ କୌଣସି କାରଣରୁ ନିଲାମ କାର୍ଯ୍ୟ ଖତମ ନ ହୁଏ, ତାହେଲେ ପରବର୍ତ୍ତି ତା-୪. ୧୨.୨୦୨୦ ଓ ତା -୧ ୪. ୧୨.୨୦୨୦ ରିଖ ରେ ପର୍ଯ୍ୟାୟ କ୍ରମେ ନିଲାମ କାର୍ଯ୍ୟ ପରିଚାଳିତ ହେବ । ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ତାହା ସଂଶୋଧନ କରିବାର ଅଧିକାର କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଅଛି ।

## ଲିଜ୍ ପାଇଁ ଉଦିଷ୍ଟ ଲଘୁ ଖାଦାନର ବିବରଣୀ

| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 |
|---|---|---|---|---|---|---|---|---|---|---|---|
| କ୍ର ନଂ | ସୈରାତ ଉତ୍ସର ନାମ ଏବଂ କେଶ ନଂ | ମୌଜା | ଖାତା | ପ୍ଲଟ୍ | ରକବା | କିସମ | ଲଘୁ ଖଣିଜର ନାମ | ସର୍ବନିମ୍ନ ରୟାଲିଟି ମୂଲ୍ୟ(per cum ) ଟଙ୍କାରେ | ଅତିରିକ୍ତ ଦେୟ ( Additional Charge cum ) ଟଙ୍କାରେ | M.GQ ଅନୁଯାୟ ବାର୍ଷିକ ଧାର୍ଯ୍ୟ ବାଲିର ପରିମାଣ | ଅଗ୍ରିମ ଦାଖଲ କରିବାକୁ ଥିବା ଅମାନତ ରାଶି (Earnest Money ର ପରିମାଣ ଟଙ୍କାରେ |
| 1 | କୁଶ ଭଦ୍ରା ନଦୀ ବାଲି M.M- କେଶ ନଂ-04/20,21 | ଭିଙ୍ଗାରପୁର | 1162 | 918<br>192 | Ac10.00<br>Ac.4.00 | ନଦୀ<br>ନଦୀ | ବାଲି<br>ବାଲି | 35.00 | 25.00 | 5000 cum | 15000/- |
| 2 | କୁଶ ଭଦ୍ରା ନଦୀ ବାଲି - M.M-କେଶ ନଂ-08/20, 21 | ମହୁଖଣ୍ଡା | 529 | 1219 | Ac12.750 | ନଦୀ | ବାଲି | ଟ 35.00 | ଟ 25.00 | 2000 cum | 6000/- |
| 3 | କୁଶ ଭଦ୍ରା ନଦୀ ବାଲି M.M- କେଶ୍ ନଂ-10/20,21 | ପ୍ରତାପରୁଦ୍ରପୁର ପୁର ନଂ-୧ | 1403 | 343<br>377<br>395 | Ac3.280<br>Ac8.720<br>Ac7.000<br>**Ac19.000** | ନଦୀ<br>ନଦୀ<br>ନଦୀ | ବାଲି | 35.00 | 50.00 | 21000 cum | 89250/- |

4.11.2020

ତହସିଲଦାର, ବାଲିଅନ୍ତା